# NATIONAL NEWS BULLETIN (ODIA)

## 6 May - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ସଂଶୋଧନ ବିଲ-୨୦୨୬ ସଂସଦରେ ଆଗତ ସଂପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ମଂଜୁରୀ
- ଭିଏତନାମ ରାଷ୍ଟ୍ରପତିଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଜି ନୂଆଦିଲ୍ଲୀରେ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ
- ବିଧାନସଭା ନିର୍ବାଚନଗୁଡ଼ିକରେ ବିଜେପିର ବିଜୟ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ଆମେରିକା ରାଷ୍ଟ୍ରପତି
- ପଶ୍ଚିମବଙ୍ଗ ଓ ଆସାମ ବିଧାନସଭା ନିର୍ବାଚନ ପରେ ନୂତନ ସରକାର ଗଠନ ନେଇ ପ୍ରକାଶ ପାଇଲା ତତ୍ପରତା

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କଲା ଚେନ୍ନାଇ ସୁପର୍ କିଙ୍ଗ୍‌ସ

# କ୍ୟାବିନେଟ୍

ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ସଂଶୋଧନ ବିଲ-୨୦୨୬ ସଂସଦରେ ଆଗତ ସଂପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛି । ଗତକାଲି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ଆଇନ ୧୯୫୬କୁ ସଂଶୋଧନ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ସୁପ୍ରିମକୋର୍ଟର ପ୍ରଧାନବିଚାରପତିଙ୍କ ବ୍ୟତୀତ ବର୍ତ୍ତମାନ ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି କରାଯାଇ ପାରିବ ।

ଏତଦ୍ ବ୍ୟତୀତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଗତକାଲି ମୋଟ୍ ୨୩ ହଜାର ୪୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, ଦେଶରେ କପା ଉତ୍ପାଦନ ମିଶନ୍, କପାସ୍ କ୍ରାନ୍ତିକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି । ଦେଶରେ କପା ଚାଷୀଙ୍କ ଉନ୍ନତି ତଥା ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିପାଇଁ ୫ ହଜାର ୬୫୯ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି । ଏହି ପଦକ୍ଷେପ ଦ୍ୱାରା ୩୨ ଲକ୍ଷରୁ ଅଧିକ ଚାଷୀ ଉପକୃତ

ହେବେ । ଶ୍ରୀ ବୈଷ୍ଣବ କହିଛନ୍ତି, ସରକାରଙ୍କ ଫାଇଭ୍-ଏଫ୍. ଦୃଷ୍ଟିକୋଣ ଆଧାରରେ ଏହି ମିଶନ୍ ପ୍ରସ୍ତୁତ କରାଯାଇଛି । ଫସଲ ଉତ୍ପାଦନ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବହୁଳ ଉପଯୋଗକୁ ଏହି ମିଶନ୍ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ରୋଗ ଏବଂ କୀଟପତଙ୍ଗ ପ୍ରତିରୋଧକ ଉଚ୍ଚ ଅମଳକ୍ଷମ ବିହନ ବିକଶିତ କରିବାରେ ସହାୟକ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପିଏମ୍-ଭିଏତନାମ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଭିଏତନାମ ରାଷ୍ଟ୍ରପତି ତୋ ଲାମ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ଉଭୟ ନେତା ଦ୍ୱିପକ୍ଷୀୟ ସଂପର୍କ ସମେତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ସଂପର୍କରେ ବିସ୍ତୃତ ଭାବେ ମତ ବିନିମୟର କରିବାର କାର୍ଯ୍ୟସୂଚୀ ରହିଛି ।

ଭିଏତନାମ ରାଷ୍ଟ୍ରପତି ଏକ ୩ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ ଜଣାଇଥିଲେ । ଭିଏତନାମ ରାଷ୍ଟ୍ରପତିଙ୍କ ସହିତ ବିଭିନ୍ନ ବିଭାଗର ମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି। ଏତଦ୍‌ବ୍ୟତୀତ ଭିଏତନାମର ବ୍ୟବସାୟୀକ ନେତୃବୃନ୍ଦଙ୍କର ଏକ ପ୍ରତିନିଧି

ଦଳ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି । ଗତ ଏପ୍ରିଲ୍ ମାସରେ ଭିଏତନାମର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ତୋ ଲାମ୍‌ଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ ।

ଆମ ସମ୍ବାଦଦାତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଭିଏତନାମ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ଭବନଠାରେ ଆନୁଷ୍ଠାନିକ ସ୍ୱାଗତ କରାଯିବ । ପରେ ସେ ରାଜଘାଟ ଯାଇ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଆଜି ପ୍ରଧାନମନ୍ତ୍ରୀଙ୍କ ସହିତ ତାଙ୍କର ବୈଠକ ପରେ ଦୁଇଦେଶ ମଧ୍ୟରେ ବିବିଧ କ୍ଷେତ୍ରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଏତଦବ୍ୟତୀତ ଭିଏତନାମ ରାଷ୍ଟ୍ରପତି ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି । ତୋ ଲାମ୍‌ଙ୍କର ଏହି ଗସ୍ତ ଅବସରରେ ସେ ଆଜି ବିଶ୍ୱ ବ୍ୟାପାର ସଂପର୍କିତ ଭାରତୀୟ ପରିଷଦ ଦ୍ୱାରା ଆୟୋଜିତ ୫୬ତମ ସାପ୍ରୁ ହାଉସ୍ ବକ୍ତୃତା ପ୍ରଦାନ କରିବେ ।

# ଅଜିତ୍-ଭିଏତ୍‌ନାମ।

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଭିଏତନାମର ରାଷ୍ଟ୍ରପତି ତୋ ଲାମ୍‌ଙ୍କୁ ଗତକାଲି ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଦୁଇଦେଶ ମଧ୍ୟରେ ବିବିଧ କ୍ଷେତ୍ରରେ ଜାରି ରହିଥିବା ସମନ୍ୱିତ ରଣନୀତିକ ଭାଗିଦାରୀକୁ କିଭଳି ଅଧିକ ସଶକ୍ତ

କରାଯାଇ ପାରିବ, ସେ ସଂପର୍କରେ ଉଭୟ ନେତା ମତ ବିନିମୟ କରିଛନ୍ତି । ଭିଏତନାମ ରାଷ୍ଟ୍ରପତି ତାଙ୍କର ସଂପ୍ରତି ଭାରତ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସାକ୍ଷାତ କରିବା ସହ ଦୁଇଦେଶର ସଂପର୍କକୁ କିଭଳି ଅଧିକ ସଶକ୍ତ କରାଯାଇ ପାରିବ, ସେ ଦିଗରେ ମିଳିତ ପ୍ରୟାସ କରିବା ଲାଗି ଆଗ୍ରହୀ ବୋଲି ମନ୍ତ୍ରଣାଳୟ କହିଛି ।

## ଟ୍ରମ୍ପ-ମୋଦୀ

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଂପ୍ରତି ଭାରତରେ ଅନୁଷ୍ଠିତ ବିଧାନସଭା ନିର୍ବାଚନଗୁଡ଼ିକରେ ବିଜେପିର ବିଜୟ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ହ୍ୱାଇଟ୍ ହାଉସ୍ ମୁଖପାତ୍ର କୁଶ୍ ଦେଶାଇ କହିଛନ୍ତି, ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ୨୦୬ଟି ସିଟ୍‌ରେ ବିଜୟୀ ହୋଇ ଏକ ଐତିହାସିକ ବିଜୟ ହାସଲ କରିଛି । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ମାତ୍ର ୮୦ଟି ସିଟ୍ ପାଇବାରେ ସକ୍ଷମ ହୋଇଛି । ସେହିଭଳି ଆସାମରେ ବିଜେପି ତୃତୀୟଥର ଲାଗି କ୍ଷମତା ହାସଲ କରିଥିବା ବେଳେ ପୁଡୁଚେରୀରେ ଏନଡିଏ ମୋଟ୍ ୩୦ଟିରୁ ୧୮ଟି ଆସନରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଛି ।

## ଡବ୍ଲ୍ୟୁବି-ଓଥ

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପରେ ରାଜ୍ୟରେ ନୂତନ ସରକାର ଗଠନ ନେଇ ତତ୍ପରତା ପ୍ରକାଶ ପାଇଛି । ସ୍ପଷ୍ଟ ବହୁମତ ହାସଲ କରିଥିବା ବିଜେପି ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶପଥ ଗ୍ରହଣ ସମାରୋହ ପାଇଁ ଦଳ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତା ୯ ତାରିଖ ଶନିବାର ଦିନ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ବାର୍ଷିକୀ ଅବସରରେ ନୂତନ ସରକାର ଶପଥ ଗ୍ରହଣ କରିବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ତଥା ଅନ୍ୟ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ ।

ଇତିମଧ୍ୟରେ ପଶ୍ଚିମବଙ୍ଗ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ବିଜେପି ପକ୍ଷରୁ କେନ୍ଦ୍ରୀୟ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ପଶ୍ଚିମବଙ୍ଗରେ ଦଳର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଠାରେ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିବେ ।

ଅନ୍ୟପକ୍ଷରେ ଆସାମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ହରିଆଣା ମୁଖ୍ୟମନ୍ତ୍ରୀ ନାୟବ

ସିଂହ ସାଇନି ସେଠାରେ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ମନୋନୀତ ହୋଇଛନ୍ତି । ବିଜେପି ସଂସଦୀୟ ବୋର୍ଡ୍ ବୈଠକରେ ଏହି ନେତାମାନଙ୍କର ନାମକୁ ଅନୁମୋଦନ କରାଯାଇଛି ।

# ପିଏମ୍-ୟୁଏଇ

ସଂଯୁକ୍ତ ଆରବ ଏମିରେଟ୍ସର ଫୁଜାଇରା ଠାରେ  ଇରାନ ଦ୍ୱାରା ହୋଇଥିବା ଆକ୍ରମଣ ଘଟଣାରେ ୩ ଜଣ ଭାରତୀୟ ନାଗରିକଙ୍କର ଆହତ ଘଟଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସାଧାରଣ ନାଗରିକ ଏବଂ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କଦାପି ଗ୍ରହଣୀୟ ନୁହେଁ । କେବଳ କଥାବାର୍ତ୍ତା ଓ କୂଟନୀତି ମାଧ୍ୟମରେ ସମସ୍ତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପ୍ରତି ଭାରତର ସମର୍ଥନକୁ ପ୍ରଧାନମନ୍ତ୍ରୀ ଦୋହରାଇବା ସହିତ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଭାରତ ଦୃଢ଼ ଭାବେ ଛିଡ଼ା ହୋଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି । ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ତଥା ବାଧାମୁକ୍ତ ଜାହାଜ ଚଳାଚଳ ଦ୍ୱାରା ଆଞ୍ଚଳିକ ଶାନ୍ତି, ସ୍ଥିରତା ବଜାୟ ରହିବା ସହିତ ବିଶ୍ୱସ୍ତରରେ ଶକ୍ତି ସୁରକ୍ଷା ସୁନିଶ୍ଚିତ ହୋଇପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ସଂଯୁକ୍ତ ଆରବ ଏମିରେଟସ୍ ଉପରେ ଇରାନର ଏହି ଆକ୍ରମଣକୁ ଜାପାନ, ଆୟାରଲ୍ୟାଣ୍ଡ, ଅଷ୍ଟ୍ରିଆ, ସାଉଦିଆରବ ଓ ଜୋର୍ଡାନ ସମେତ ବହୁ ଦେଶ ନିନ୍ଦା କରିଛନ୍ତି ।

# ଗଡକରୀ

ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ବୈଦ୍ୟୁତିକ ଯାନ କିଣିବା ଲାଗି ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଅଟୋ ସମ୍ମିଳନୀ ଓ ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଇ ସେ ଏହା କହିଛନ୍ତି । ଶ୍ରୀ ଗଡ଼କରୀ କହିଛନ୍ତି, ଜୀବାଶ୍ମ ଇନ୍ଧନର ବିକଳ୍ପ ଏବଂ ଏହାର ପ୍ରୋତ୍ସାହନ ଦିଗରେ ଏକ ସମନ୍ୱିତ ଗବେଷଣା ଜାରି ରହିଛି ।  ଏ କ୍ଷେତ୍ରରେ କୃଷକମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି, ଏଥିଲାଗି ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ଗବେଷଣା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ଇତିମଧ୍ୟରେ ୧ ଲକ୍ଷ ୬୦ ହଜାର କୋଟି ଟଙ୍କାର ବ୍ୟୟ ଅଟକଳରେ ଦିଲ୍ଲୀ ରାଜଧାନୀ ଅଞ୍ଚଳରେ ସଡ଼କ ନିର୍ମାଣ କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ’ ଦିଲ୍ଲୀ କ୍ୟାପିଟାଲ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା । ଦଳ ପକ୍ଷରୁ ସମୀର ରିଜ୍‌ଵୀ ଅପରାଜିତ

୪୦ ରନ୍ କରିବା ସହିତ ଟ୍ରିଷ୍ଟାନ୍ ଷ୍ଟପ୍ସ ୩୮ ରନ୍ କରିଥିଲେ । ଚେନ୍ନାଇ ସୁପର୍ କିଙ୍ଗ୍ସ ପକ୍ଷରୁ ନୁର୍ ଅହମ୍ମଦ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି ।

୧୫୬ ରନ୍ ବିଜୟଲକ୍ଷ୍ୟର ପିଛା କରି ଚେନ୍ନାଇ ସୁପର୍‌କିଙ୍ଗସ ୧୭ ଓଭର ଓ ୩ଟି ବଲ୍‌ରେ ୨ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା । ଦଳ ପକ୍ଷରୁ ସଞ୍ଜୁ ସାମସନ ଅପରାଜିତ ୮୭ ରନ୍ କରିବା ସହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

# ଏଚ୍‌ସି-କେଜରିୱାଲ୍-ଲୟର୍

ମଦ ନୀତି ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ରାୟ ବିରୁଦ୍ଧରେ ସି.ବି.ଆଇ. ଦାଖଲ କରିଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ୍ ପ୍ରତିପକ୍ଷଙ୍କ ପାଇଁ ଆମିକସ୍ କ୍ୟୁରି ନିଯୁକ୍ତ କରିବା ପାଇଁ ଘୋଷଣା କରିଛନ୍ତି । ଆପ୍ ନେତା ଅରବିନ୍ଦ କେଜରିୱାଲ, ମନିଶ ସିସୋଦିଆ ଏବଂ ଦୁର୍ଗେଶ ପାଠକଙ୍କ ପାଇଁ ବରିଷ୍ଠ ଆଇନ୍‌ଜୀବୀଙ୍କୁ ଦିଲ୍ଲୀ ହାଇକୋର୍ଟ୍ ଏହି ଦାୟିତ୍ୱ ଅର୍ପଣ ନେଇ ପ୍ରସ୍ତାବ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା ଏହି ମାମଲାରୁ ଓହରିଯିବାକୁ ଅଗ୍ରାହ୍ୟ କରିବା ପରେ ଆପ୍

ନେତାମାନେ କୋର୍ଟ୍ ଶୁଣାଣିକୁ ବର୍ଜନ କରିଛନ୍ତି । ଏହି ମାମଲାର ଶୁଣାଣି ଜଷ୍ଟିସ୍ ଶର୍ମା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି ।